# NATIONAL NEWS BULLETIN (ODIA)

## 20 May - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଦେଶରେ ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ମତଦାନ ଶେଷ ।

– ଅପରାହ୍ନ ୫ଟା ସୁଦ୍ଧା ୫୭ ଦଶମିକ ୩/୮ ପ୍ରତିଶତ ମତଦାନ ସୂଚନା ।

- ଦେଶରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଜୋରସୋର୍ ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ନିର୍ବାଚନ ର୍‍ୟାଲି ଏବଂ ରୋଡ୍ ସୋ' କରିଛନ୍ତି ।
- ଇରାନ୍ ରାଷ୍ଟ୍ରପତିଙ୍କ ପରଲୋକରେ ଦିନିକିଆ ରାଷ୍ଟ୍ରୀୟ ଶୋକ ଘୋଷଣା କଲେ ଭାରତ ସରକାର

– ଆସନ୍ତାକାଲି ଅର୍ଦ୍ଧନମିତ ରହିବ ଜାତୀୟ ପତାକା ।

ଏବଂ

- ଛତିଶଗଡ଼ କବୀରଧାମ୍ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ।

– ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ଶୋକ ପ୍ରକାଶ।

# ଫିଫ୍ଥ ଫେଜ୍ ଇଲେକସନ୍

ଦେଶରେ ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ମତଦାନ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ପ୍ରାୟ ୫୭ ଦଶମିକ ୩/୮ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୪୯ଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ଭୋଟ୍‌ଗ୍ରହଣ ହୋଇଛି।  ଉତ୍ତରପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ଓଡ଼ିଶା ଓ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି, ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳର ଗୋଟିଏ ଲେଖାଏଁ ଆସନରେ ମତଗ୍ରହଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାର ୩୫ଟି ଲୋକସଭା ଆସନ ପାଇଁ ମତଗ୍ରହଣ ହୋଇଛି।

ଝାଡ଼ଖଣ୍ଡର ଗଣ୍ଡେ ଆସନ ଏବଂ ଉତ୍ତରପ୍ରଦେଶର ଲକ୍ଷ୍ନୌ ପୂର୍ବ ନିର୍ବାଚନ ମଣ୍ଡଳୀ ପାଇଁ ମଧ୍ୟ ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହୋଇଛି।

ଏହି ପର୍ଯ୍ୟାୟରେ ୬୯୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଛି। ଆଜି ଯେଉଁ ପ୍ରମୁଖ ପ୍ରାର୍ଥୀମାନଙ୍କ ଭାଗ୍ୟ  ଇଭିଏମ୍‌ରେ ବନ୍ଦ ହୋଇଛି, ସେମାନଙ୍କ ମଧ୍ୟରେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ପୀୟୂଷ ଗୋୟଲ ଏବଂ ସ୍ମୃତି ଇରାନୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କେଏଲ ଶର୍ମା, ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା ଏବଂ ଏଲ୍‌ଜେପିର ଚିରାଗ ପାସୱାନ ରହିଛନ୍ତି।

ଶାନ୍ତିପୂର୍ଣ୍ଣ ଓ ସ୍ୱଚ୍ଛ ମତଦାନ ପାଇଁ ନିର୍ବାଚନ ଆୟୋଗ ସମସ୍ତ ପ୍ରସ୍ତୁତି କରିଛନ୍ତି । ୯୪ ହଜାର ୭୩୨ଟି ମତଦାନ କେନ୍ଦ୍ରରେ ୯ ଲକ୍ଷ ୪୭ ହଜାରରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମତଦାନ କେନ୍ଦ୍ରରେ ପାଣି, ସେଡ୍, ରାମ୍ପ, ସ୍ୱେଚ୍ଛାସେବୀ ଓ ହ୍ୱିଲଚେୟାର ଭଳି ସୁବିଧା ଉପଲବ୍ଧ କରାଯାଇଛି।

ଆଜି ଓଡ଼ିଶାର ୫ଟି ସଂସଦୀୟ ଆସନ ଓ ୩୫ଟି ବିଧାନସଭା ଲାଗି ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ହୋଇଛି। ସର୍ବଶେଷ ସୂଚନା ଅନୁଯାୟୀ, ଓଡ଼ିଶାରେ ୬୦ ଦଶମିକ ୭/୨ ପ୍ରତିଶତ ମତଦାନ ହୋଇଛି।

# ପୋଲ୍ କ୍ୟାମ୍ପେନିଂ

ଦେଶରେ ଅନୁଷ୍ଠିତ ହେବାକୁ ଥିବା ଦୁଇଟି ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜୋରସୋର୍‌ରେ ଚାଲିଛି। ବିଭିନ୍ନ ଦଳର ବରିଷ୍ଠ

ରାଜନୈତିକ ନେତାମାନେ ସମର୍ଥନ ହାସଲ କରିବା ପାଇଁ ବିଭିନ୍ନ ରାଜ୍ୟରେ ବୁଲି ସାଧାରଣ ସଭା ଓ ରୋଡ୍ ସୋ' ମାନ କରୁଛନ୍ତି।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ପଶ୍ଚିମବଙ୍ଗର ଝାଡ଼ଗ୍ରାମରେ ଏକ ରାଲିରେ ଯୋଗ ଦେଇଥିଲେ। ଲୋକସଭା ନିର୍ବାଚନରେ ପରାଜୟ ଅନୁଭବ କରିବା ପରେ ଟିଏମ୍‌ସିର ନିରାଶା ଚରମ ସୀମାରେ ପହଞ୍ଚିଛି ବୋଲି ସେ ଏକ ସାଧାରଣ ସଭାରେ କହିଥିଲେ।

ଏହା ପୂର୍ବରୁ ଆଜି ଶ୍ରୀ ମୋଦୀ ଓଡ଼ିଶାର ଅନୁଗୁଳ ଓ କଟକରେ ଦୁଇଟି ଜନସଭାକୁ ସମ୍ବୋଧିତ କରିଥିଲେ । ରାଜ୍ୟରେ କ୍ଷମତାକୁ ଆସିଲେ ଧାନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୨୦୦ଟଙ୍କାରୁ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ, ଓଡ଼ିଶା ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ରାଜ୍ୟବାସୀ ଦାରିଦ୍ର୍ୟରେ ବୁଡ଼ି ରହିଛନ୍ତି। ବିଜୁ ଜନତା ଦଳ ଶାସନରେ ଓଡ଼ିଶାର ଖଣିଜ ପଦାର୍ଥ ଓ ସଂସ୍କୃତି ସୁରକ୍ଷିତ ନୁହେଁ ବୋଲି ସେ ଅଭିଯୋଗ କରିଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ୨୪ ବର୍ଷର ଶାସନ କାଳରେ କୃଷକ ଓ ଯୁବବର୍ଗଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଉ ନଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ସମାଲୋଚନା କରିଥିଲେ। ଓଡ଼ିଶାରେ ସରକାର ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ସେ ଭୋଟରମାନଙ୍କୁ ନିବେଦନ

କରିଥିଲେ। ତାଙ୍କ ଦଳ ସରକାରକୁ ଆସିଲେ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ।  ଶ୍ରୀ ମୋଦୀ ଆଜି ସକାଳେ ପୁରୀ ସହରରେ ଦୁଇ କିଲୋମିଟର ଲମ୍ବା ରୋଡ୍ ସୋ' କରିଥିଲେ।

ଅନ୍ୟପକ୍ଷରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଆଜି ସନ୍ଧ୍ୟାରେ ଏକ ମେଗା ରୋଡ୍ ସୋ' ଓ ଏକାଧିକ ସାଧାରଣ ସଭା କରୁଛନ୍ତି।

ବିଜେପି ବରିଷ୍ଠ ନେତା ଅମିତ ଶାହ ଆଜି ହରିୟାଣାର କର୍ନାଲ ଏବଂ ହିସାରରେ ରାଲି କରିଛନ୍ତି। କୃଷି କ୍ଷେତ୍ରରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ନରେନ୍ଦ୍ର ମୋଦି ସରକାର ରଣନୀତିକ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ଶାହା କହିଛନ୍ତି, କଂଗ୍ରେସ ସରକାର ସମୟରେ କୃଷକ ବଜେଟ୍ ୨୨ ହଜାର କୋଟି ଟଙ୍କା ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଶାସନ ସମୟରେ ଗତ ୧୦ ବର୍ଷ ମଧ୍ୟରେ ଏହାକୁ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

ଉତ୍ତରପ୍ରଦେଶ ବରିଷ୍ଠ ବିଜେପି ନେତା ତଥା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ  ଯୋଗୀ ଆଦିତ୍ୟନାଥ ଚଣ୍ଡିଗଡ଼ରେ ଏକ ରାଲିକୁ ସମ୍ବୋଧିତ କରିଛନ୍ତି।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉତ୍ତରପ୍ରଦେଶର ଡୋମାରିଆଗଞ୍ଜ ଓ ସନ୍ଥ କବୀର ନଗରରେ ଜନସଭାକୁ ସମ୍ବୋଧିତ କରି

କହିଛନ୍ତି,  ଇଣ୍ଡି ମେଣ୍ଟ କ୍ଷମତାକୁ ଆସିଲେ ଯୁବକମାନଙ୍କୁ ୩୦ ଲକ୍ଷ ନିଯୁକ୍ତି ପ୍ରଦାନ କରିବା ସହ ଅଗ୍ନିବୀର ଯୋଜନାକୁ ବନ୍ଦ କରିବ।

## ଇରାନ୍ ରାଷ୍ଟ୍ରପତି ଶୋକ

ଇରାନର ରାଷ୍ଟ୍ରପତି ଡକ୍ଟର ସୟଦ ଇବ୍ରାହିମ ରାଇସି ଏବଂ ବୈଦେଶିକ ମନ୍ତ୍ରୀ ହୁସେନ ଅମୀର-ଅବ୍ଦୋଲାହିଆନଙ୍କ ମୃତ୍ୟୁରେ ଭାରତ ଦିନିକିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛି।  ଆସନ୍ତାକାଲି ଜାତୀୟ ପତାକା ଅର୍ଦ୍ଧନମିତ ରହିବ। ଏହା ବ୍ୟତୀତ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ। ଗତକାଲି ଇରାନ୍‌ର ରାଷ୍ଟ୍ରପତିଙ୍କର ହେଲିକପ୍ଟର ଦୁର୍ଘଟଣାରେ ପରଲୋକ ଘଟିଥିଲା।

ଅନ୍ୟପକ୍ଷରେ ସେଠାକାର ସର୍ବୋଚ୍ଚ ନ୍ୟାୟାଳୟ ଉପରାଷ୍ଟ୍ରପତି ମହମ୍ମଦ ମୋଖବରଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ନିଯୁକ୍ତ କରିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ୨୦୨୧ରୁ ରାଷ୍ଟ୍ରପତି ପଦରେ ଥିବା ଶ୍ରୀ ରାଇସିଙ୍କ ମୃତ୍ୟୁ ପାଇଁ ୫ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ଇରାନ୍‌ରେ ଆସନ୍ତା ୫୦ ଦିନ ମଧ୍ୟରେ ନିର୍ବାଚନ ହେବ ବୋଲି ସୂଚନା ମିଳିଛି।

# ଗୁଜୁରାଟ୍ ଟେରରିଷ୍ଟ

ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁଜରାଟର ଆତଙ୍କବାଦୀ ନିରୋଧୀ ଦଳ (ଏଟିଏସ୍) ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ସନ୍ଦିଗ୍ଧ  ଆତଙ୍କବାଦୀ ଶ୍ରୀଲଙ୍କାର ବାସିନ୍ଦା ଏବଂ ଇସ୍ଲାମିକ୍ ଷ୍ଟେଟ୍ ସହ ଜଡ଼ିତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଭିଯୁକ୍ତମାନେ ଶ୍ରୀଲଙ୍କାରୁ ଚେନ୍ନାଇ ଦେଇ ଅହମ୍ମଦାବାଦ ଯାଇଥିଲେ। ସେମାନେ କେଉଁ ଉଦ୍ଦେଶ୍ୟରେ ଅହମ୍ମଦାବାଦ ଆସିଛନ୍ତି ତାହା ଜାଣିବା ପାଇଁ ଏଟିଏସ୍ ସେମାନଙ୍କୁ ପଚରାଉଚରା କରୁଛି।

# ଛତିଶଗଡ଼- ରୋଡ୍ ଆକ୍ସିଡେଣ୍ଟ

ଛତିଶଗଡ଼ କବୀରଧାମ ଜିଲ୍ଲାର କୁକ୍ଦୁର ଥାନା ଅଞ୍ଚଳର ବାହାପାଣି ଗାଁ ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୧୪ ଜଣ ମହିଳାଙ୍କ ସମେତ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ଏକ ଗାଡ଼ିରେ ୨୫ ଜଣ ଲୋକ ଜଙ୍ଗଲରୁ କେନ୍ଦୁପତ୍ର ତୋଳି ଗ୍ରାମକୁ ଫେରୁଥିବାବେଳେ ଗାଡ଼ି ଭାରସାମ୍ୟ ହରାଇ ଏକ ଖାଲ ଭିତରକୁ ଖସି ପଡ଼ିଥିଲା। ଏହି ଘଟଣାରେ ଗୁରୁତର ଆହତ ହୋଇଥିବା ୮ ଜଣଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଦୁଃଖ ପ୍ରକାଶ କରିଛନ୍ତି। ଉପରାଷ୍ଟ୍ରପତି ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ଏବଂ ସୁବିଧା ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି ବୋଲି କହିଛନ୍ତି।

## ସିକ୍କିମ-ମନସୁନ୍ ରିସ୍କ

ସିକ୍କିମ୍ ରାଜ୍ୟରେ ମୌସୁମୀ ବର୍ଷା ଯୋଗୁଁ ସୃଷ୍ଟି ହେଉଥିବା ଭୂସ୍ଖଳନ ବିପଦକୁ ଦୃଷ୍ଟିରେ ରଖି ଗାଙ୍ଗଟକ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଅଧ୍ୟକ୍ଷ ତୁଷାର ଜି ନିଖରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୩୦ ଲାଗୁ କରିଛନ୍ତି। ୨୦୨୪ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସେ ଅଞ୍ଚଳରେ ହେଉଥିବା ସମସ୍ତ ଖନନ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବିପର୍ଯ୍ୟୟକୁ ହ୍ରାସ କରିବା ଏବଂ ବିପଦସଙ୍କୁଳ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରିବାକୁ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଏହି ସମୟ

ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି ।

## କର୍ଣ୍ଣାଟକ-କଂଗ୍ରେସ

କର୍ଣ୍ଣାଟକରେ କଂଗ୍ରେସ ସରକାର ଆଜି ଶାସନର ଏକ ବର୍ଷ ପୂରଣ କରିଛି । ଏହି ଅବସରରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି, ତାଙ୍କ ସରକାର ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ଏବଂ ପାଞ୍ଚଟି ଗ୍ୟାରେଣ୍ଟି ଯୋଜନାରେ ମୋଟ ୩୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

୧ କୋଟି ୨ ଲକ୍ଷ ମହିଳା ପରିବାରର ମୁଖ୍ୟଙ୍କ  ଜମାଖାତାକୁ ସିଧାସଳଖ ଅର୍ଥ ପ୍ରଦାନ କରାଯାଇଛି । ସେହିଭଳି ଗୃହ ଜ୍ୟୋତି ଯୋଜନାରେ ୧ କୋଟି ୬ ଲକ୍ଷ ଲୋକଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯାଉଛି । ଗତ ଏପ୍ରିଲ ଶେଷ ସୁଦ୍ଧା ଶକ୍ତି ଯୋଜନାରେ ୪ ହଜାର ୮୫୭ କୋଟି ଟଙ୍କା ବ୍ୟୟରେ ୨୧ କୋଟି ୩୩ ଲକ୍ଷରୁ ଅଧିକ ମହିଳାଙ୍କ ପାଇଁ ଯାତ୍ରା ସୁବିଧା କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ବିୱାଇ ବିଜୟେନ୍ଦ୍ର ଓ ବିରୋଧୀ ଦଳ ନେତା ଆର. ଅଶୋକ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ସଫଳତା ଶୂନ ବୋଲି ଅଭିଯୋଗ କରିଛନ୍ତି । ସରକାର କୃଷକ ବିରୋଧୀ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଅନ୍ୟାୟ କରିଛି

ବୋଲି ସେମାନେ ସମାଲୋଚନା କରିଛନ୍ତି। ଉନ୍ନୟନ ପାଣ୍ଠିର ଅପବ୍ୟବହାର କରାଯିବା ସହ ବିଭିନ୍ନ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ପାଣ୍ଠିକୁ ବିନିଯୋଗ କରାଯାଉ ନାହିଁ ବୋଲି ବିଜେପି ଅଭିଯୋଗ  କରିଛି।

# ଏସିଆନ୍ ଆଥଲେଟିକ୍ ରିଲେ

ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଚାଲିଥିବା ଏସିଆନ୍ ଆଥଲେଟିକ୍ ରିଲେ ଚାମ୍ପିୟନଶିପ୍ ୨୦୨୪ରେ ଭାରତୀୟ ମିଶ୍ରିତ ଦଳ ଜାତୀୟ ରେକର୍ଡ ଭଙ୍ଗ କରିଛି। ମହମ୍ମଦ ଅଜମଲ, ଜ୍ୟୋତିକା ଶ୍ରୀ, ଅମୋଜ ଜାକବ ଓ ଶୁଭ ଭେଙ୍କଟେସନଙ୍କୁ ନେଇ ଗଠିତ ଦଳ ୪ X ୪୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ ଜିତିଛନ୍ତି। ଏହି ଇଭେଣ୍ଟରେ ଶ୍ରୀଲଙ୍କା ଓ ଭିଏତନାମ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି।

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଉପଲବ୍ଧ ଦୁଇଟି ସ୍ଥାନରୁ ଏହି ଦଳ ବର୍ତ୍ତମାନ ତାଲିକାରୁ ବାଦ୍ ପଡ଼ିଥିଲେ ମଧ୍ୟ ବିଶ୍ୱ ଆଥଲେଟିକ୍ସ ରୋଡ୍ ଟୁ ପ୍ୟାରିସ୍ ତାଲିକାରେ ୨୧ତମ ସ୍ଥାନରେ ରହିଛି। ପରବର୍ତ୍ତୀ ଇଭେଣ୍ଟରେ ଦଳ ୧୫ କିମ୍ବା ୧୬ତମ ସ୍ଥାନରେ ରହିବାକୁ ଲକ୍ଷ୍ୟ ରଖିଛି।